**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆ ଦିଲ୍ଲୀ-୧୧୦୦୦୧**

**ଫୋ.ନଂ-୨୩୦୦୫୭୦୦, ଫା.ନଂ-୨୩୦୦୫୭୮୭**

**ଭା.ଜ.ପାର ପୂର୍ବତନ ଅଧ୍ୟକ୍ଷ ଓ ସାଂସଦ ଶ୍ରୀ ଏମ.ଭେଙ୍କଆ ନାଇଡୁଙ୍କୁ ରାଷ୍ଟ୍ରପତୀୟ ଅଭିଭାଷଣ ନେଇ ପ୍ରେସ ଇସ୍ତାହାର ।**

**ନୂଆ ଦିଲ୍ଲୀ, ୨୧.୦୨.୨୦୧୩**

ଆଜି ରାଷ୍ଟ୍ରପତି ମହୋଦୟ ସଂସଦକୁ ଯେଉଁ ଅଭିଭାଷଣ ଦେଇଛନ୍ତି ତାହା ପୂରାପୂରି ହତାଶମୟ, ଦିଶାହୀନ ଓ ଉତ୍ସାହ ବିହୀନ ଅଟେ । ଏଥିରେ ବର୍ତ୍ତମାନ ଦେଶ ସମ୍ମୁଖୀନ ହେଉଥିବା ସମସ୍ୟା ଗୁଡ଼ିକର ନାମ ମାତ୍ର ନାହିଁ । ଯେପରି ଭ୍ରଷ୍ଟାଚାର, ଦରଦାମ ବୃଦ୍ଧି, କୃଷି ସଙ୍କଟ, ଚାଷୀମାନଙ୍କର ଆତ୍ମହତ୍ୟା ଓ ବେକାରି ଇତ୍ୟାଦି । ଏଭଳି ଗୁରୁତ୍ତର ସମସ୍ୟାର ସମାଧାନ ନେଇ ମଧ୍ୟ ଉକ୍ତ ଅଭିଭାଷଣରେ କୌଣସି ପଦକ୍ଷେପ ନାହିଁ ।

ଯଦିଓ ସେଥିରେ ଦେଶର ଅର୍ଥନୈତିକ ସଙ୍କଟ ସମ୍ପର୍କରେ କିଛି କୁହାଯାଇଛି, ତଥାପି ଦେଶର ବିତ୍ତୀୟ ନିଅଣ୍ଟ ୫.୫% କୁ ଓ ଜି.ଡ଼ି.ପି ୫% କୁ ହ୍ରାସ ପାଇବା ନେଇ ସରକାର କି କି ପଦକ୍ଷେପ ଗ୍ରହଣ କରିବେ ସେଥିରେ କୌଣସି ସୂଚନା ନାହିଁ । ଯାହାକି ସରକାରଙ୍କର ଦକ୍ଷତା ହୀନତାର ସ୍ୱଷ୍ଟ ପ୍ରମାଣ ଦିଏ ।

ରାଷ୍ଟ୍ରପତି ଅଭିଭାଷଣ ସମୟରେ ଯାହା ଘଟିଗଲା ତାହା ମଧ୍ୟ ଖୁବ ଦୁଃଖକର ଘଟଣା ଓ ଅଭୁତ ପୂର୍ବ । ସେଥିପାଇଁ ଶାସକ ଦଳ ପୂରାପୂରି ଦାୟୀ ଅଟେ । ସେଠାରେ ଶାସକ ଦଳର ସହଯୋଗୀ ଦଳ ପ୍ରାଚୀର ପତ୍ର ଧରି, ସ୍ଲୋଗାନ ଦେଇ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ବିରୋଧ କରୁଥିଲେ । ଯେଉଁ ଘଟଣାରୁ  ବିରୋଧୀ ଦଳ ଦୃଢ଼ ନିଶ୍ଚିତ ହୁଏ କି ଉ.ପା ଓ କଂଗେସ ଦଳ ଯାହା କିଛି କରୁଅଛି ତାହା ସଠିକ ନୁହେଁ । ସେମାନେ ଦେଶକୁ ପରିଚାଳନା କରିବା ପାଇଁ ଗଠବନ୍ଧନର ଅର୍ଥ ହିଁ ଯାଣନ୍ତି ନାହିଁ ।